## ବରିଷ୍ଠ ଆଇନଜୀବୀ ଅଶୋକ ମହାପାତ୍ରଙ୍କ ସ୍ମୃତିସଭା




କଟକ, ୧୪।୧୨(ସମିସ): ହାଇକୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଡ. ଅଶୋକ କୁମାର ମହାପାତ୍ରଙ୍କ ଚତୁର୍ଥ ବାର୍ଷିକ ସ୍ମୃତି ସମାରୋହ ହାଇକୋର୍ଟ ବାର୍ ଆସୋସିଏସନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟବିଚାରପତି ଡ. ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶିବଶଙ୍କର ମିଶ୍ର, ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ବିଜୟ କୁମାର ଦାଶ, ସମ୍ପାଦକ ରଞ୍ଜନ କୁମାର ନାୟକ ଯୋଗଦେଇଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ବ୍ୟକ୍ତିତ୍ୱ ଯୁବ ଆଇନଜୀବୀଙ୍କ ପାଇଁ ପ୍ରେରଣାଦାୟୀ ଓ ସେ ଚିର ସ୍ମରଣୀୟ ହୋଇ ରହିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଡ. ଅଶୋକ କୁମାର ମହାପାତ୍ର ସ୍ମୃତି କମିଟିର ଉପସଭାପତି ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଇନଜୀବୀ ବିଜୟ କୁମାର ରଗଡ଼ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ମୁଟ୍ କୋର୍ଟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଆଇନ ଛାତ୍ରଛାତ୍ରୀଙ୍କୁ ମେମୋରିଆଲ୍ କମିଟି ତରଫରୁ ଅତିଥିମାନେ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଠିକାସଂସ୍ଥାକୁ କାରଣ ଦର୍ଶାଅ ନୋଟିସ

କଟକ, ୧୪।୧୨(ସମିସ): ଏସସିବିରେ ଠିକାସଂସ୍ଥା କର୍ମଚାରୀଙ୍କ ମନମାନି ବଢ଼ିବାରେ ଲାଗିଛି। ଏଭଳି ଏକ ଘଟଣଶରେ ଠିକାସଂସ୍ଥା ପରିତୋଷ ଆଉ ମଞ୍ଜୁଶ୍ରୀ ସର୍ଭିସକୁ କାରଣଦର୍ଶାଅ ନୋଟିସ ଜାରୀ କରାଯାଇଛି। ଆସନ୍ତା ୩ ଦିନ ମଧ୍ୟରେ ଉକ୍ତ ସଂସ୍ଥା ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏସସିବିରେ ଆଟେଣ୍ଡାଣ୍ଟ ନିଯୁକ୍ତି ଦେବା ଲାଗି ଠିକାସଂସ୍ଥା ମଞ୍ଜୁଶ୍ରୀ ସର୍ଭିସକୁ ଟେଣ୍ଡର ଦିଆଯାଇଛି। ତେବେ, ଏହି ଆଟେଣ୍ଡାଣ୍ଟ/କର୍ମଚାରୀମାନେ ରୋଗୀ ସେବା ନ କରି ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଫଳରେ ଏସସିବିର ଚୁକ୍ତି ଅନୁଯାୟୀ ସ୍ୱଚ୍ଛତା ମାନଦଣ୍ଡ ପୂରଣ କରିପାରୁନାହିଁ। ନିକଟରେ ଆଟେଣ୍ଡାଣ୍ଟ ଅକ୍ଷୟ ପ୍ରଧାନ ଗିରଫ ହୋଇଛନ୍ତି। ଏଥିପ୍ରତି ସଂସ୍ଥା କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେନେଇ ଉକ୍ତ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ଆଗାମୀ ଦିନରେ କର୍ମଚାରୀ ଏଭଳି କାର୍ଯ୍ୟକଳାପରେ ନିବୃତ୍ତ ନ ରହିଲେ କର୍ତ୍ତୃପକ୍ଷ ସଂସ୍ଥା ବିରୋଧରେ ଆର୍ଥିକ ଦଣ୍ଡବିଧାନ କରିବ ବୋଲି ନୋଟିସରେ ଉଲ୍ଲେଖ ରହିଛି।

## ଧରାପଡ଼ିଲେ ନିଶାସକ୍ତ କର୍ମଚାରୀ

କଟକ, ୧୪।୧୨(ସମିସ): ଏସସିବି ମେଡିକାଲରେ କାର୍ଯ୍ୟରତ ଜଣେ କର୍ମଚାରୀ ନିଶାସକ୍ତ ଅବସ୍ଥାରେ ଧରାପଡ଼ିଛନ୍ତି। ଫାଣ୍ଡି ପୁଲିସ ତାଙ୍କୁ ଅଟକ ରଖିବା ପରେ ପରିବାର ଲୋକଙ୍କ ଜିମା ଦେଇଛି। ଟ୍ରମା କେୟାର କୋ-ଅର୍ଡିନେଟର ରଞ୍ଜନ ମହାପାତ୍ର ଶନିବାର ରାତିରେ ପ୍ରଚୁର ମଦପିଇ କାର୍ଯ୍ୟରେ ଯୋଗଦେଇଥିଲେ। ରାତ୍ର ପ୍ରାୟ ୯ଟାରେ ଉତ୍ପାତ ଆରମ୍ଭ କରିଥିଲେ। ଏହା ଜାଣିଲା ପରେ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ଫାଣ୍ଡି ଅଧିକାରୀଙ୍କ ଜଣାଇଥିଲେ। ପରେ ରଞ୍ଜନଙ୍କ ପରୀକ୍ଷା କରିବାରୁ ସେ ମଦ ପିଇଥିବା ଜଣାପଡ଼ିଥିଲା। ରଞ୍ଜନଙ୍କ ପରିବାର ପହଞ୍ଚି ତାଙ୍କୁ ଘରକୁ ନେଇ ଯାଇଥିବା ଫାଣ୍ଡି ଅଧିକାରୀ ମାନେଶ୍ୱର ପ୍ରଧାନ କହିଛନ୍ତି। ଏସସିବିରେ ଗୁଟଖା ଓ ନିଶା ସେବନ କରି ଧରାପଡ଼ିଲେ ମେଡିକାଲ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପୂର୍ବରୁ ସୂଚନା ଜାରୀ କରିଥିଲା।

### ନଦୀପଠାରେ ମହିଳାଙ୍କୁ ହତ୍ୟା ଘଟଣା

# ପରିଚୟ ଖୋଜୁଛି ପୁଲିସ; ୮ଟି ଟିମ୍‌ର ତନାଘନା

କଟକ, ୧୪।୧୨(ସମିସ): ପରମହଂସ ପୀଠ ନିକଟସ୍ଥ ନଦୀପଠାରୁ ମହିଳାଙ୍କ କ୍ଷତାକ୍ତ ମୃତଦେହ ମିଳିବା ଘଟଣାର ତଦନ୍ତକୁ ପୁଲିସ ଜୋରଦାର କରିଛି। ମୁଖ୍ୟତଃ ମୃତକଙ୍କ ପରିଚୟ ଜାଣିବା ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ପରିଚୟ ଅସ୍ପଷ୍ଟ ରଖିବା ପାଇଁ ହତ୍ୟାକାରୀ ମହିଳାଙ୍କ ମୁହଁକୁ ହାଣି ବିକୃତ କରିଦେଇଛି। ଏଣୁ ମହିଳାଙ୍କୁ ଚିହ୍ନଟ ଲାଗି ପୁଲିସ ୮ଟି ଟିମ ଗଠନ କରିଛି। ବୈଷୟିକ, ପାରିପାର୍ଶ୍ୱିକ ଓ ସିସିଟିଭି ଫୁଟେଜ ସହ ଅନ୍ୟ ତଥ୍ୟ ସଂଗ୍ରହ କରି ପୁଲିସ ତଦନ୍ତ ଜାରି ରଖିଛି। ମାତ୍ର ଘଟଣାର ଦିନକ ପରେ ବି ପୁଲିସ କାହାରିକୁ ଗିରଫ କରିପାରି ନାହିଁ। ଆଜି ଡିସିପି ଜଗମୋହନ ମୀନଙ୍କ ତତ୍ତ୍ୱାବଧାନରେ ଡିସିପିଙ୍କ କାର୍ଯ୍ୟାଳୟରେ ଜୋନ୍ ଏସିପି ଓ ଆଇଆଇସିଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ଜଣାପଡ଼ିଛି। ଏଥିରେ ଖୁବଶୀଘ୍ର କେଉଁଭଳି ହତ୍ୟାକାରୀ ଗିରଫ କରାଯାଇପାରିବ, ତାହା ଆଲୋଚନା ହୋଇଥିବା ଜଣାପଡ଼ିଛି।

କନ୍ଦରପୁର ଥାନା ଅନ୍ତର୍ଗତ ପରମହଂସ ନିକଟ କାଠଯୋଡି ନଦୀପଠାରୁ ଶୁକ୍ରବାର ସକାଳେ ଜଣେ ମହିଳାଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ମହିଳାଙ୍କ ମୁଣ୍ଡ, ବେକ, ହାତରେ ଗଭୀର କ୍ଷତ ଥିଲା ବେଳେ ମୁହଁ ସମ୍ପୂର୍ଣ୍ଣ ବିକୃତ ହୋଇଯାଇଛି। ମହିଳାଙ୍କ ପରିଚୟ ଲୁଚାଇବା ପାଇଁ ହତ୍ୟାକାରୀ ଏଭଳି ବିଭତ୍ସ କାଣ୍ଡ ଭିଆଇଛି। ହତ୍ୟାକାରୀ ଘଟଣାସ୍ଥଳରେ କୌଣସି ପ୍ରକାର ପ୍ରମାଣ ଛାଡିଯାଇନାହିଁ। ଏପରିକି ନିଜେ ପିନ୍ଧିଥିବା ଡ୍ରେସକୁ କାଢି ସେଠାରୁ ଯାଇଛି। ଏଣୁ ମହିଳାଙ୍କ ପରିଚୟ ଜଣାପଡ଼ିଲେ ହିଁ ହତ୍ୟାକାରୀ ଧରାପଡ଼ିବ ବୋଲି ପୁଲିସ କହୁଛି। ଏଭଳି ଘଟଣାକୁ ଗୁରୁତ୍ୱର ସହ ନେଇ ଡିସିପି ଜଗମୋହନ ମୀନାଙ୍କ ତତ୍ତ୍ୱାବଧାନରେ ୮ଟି ଟିମ ତଦନ୍ତ ଆରମ୍ଭ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଟିମ ଆଖପାଖ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ସିସିଟିଭି ଫୁଟେଜ ସଂଗ୍ରହ କରିସାରିଛି। ଅନ୍ୟ ଏକ ଟିମ ପଡୋଶୀ ଜିଲ୍ଲାର ବିଭିନ୍ନ ଥାନାକୁ ଯାଇ ମ୍ୟାନ ମିସିଂ (ନିଖୋଜ) ମାମଲା ସଂକ୍ରାନ୍ତୀୟ ତଥ୍ୟ ଯୋଗାଡ କରୁଛି। ସେହିପରି ସାଇବର କ୍ରାଇମ ୟୁନିଟର ଏକ ଟିମ ଫରେନ୍ସିକ ଏବଂ ବୈଷୟିକ ତଥ୍ୟ ଆଧାରରେ ତଦନ୍ତ କରୁଛି। ଗୁରୁତ୍ୱପୂର୍ଣ୍ଣ ହେଉଛି, ମହିଳାଙ୍କ ଦୁଇ ହାତରେ ଥିବା ଟାଟୁ ତାଙ୍କ ପରିଚୟ ଜାଣିବାରେ ସହାୟକ ହୋଇପାରେ ବୋଲି ଅନୁମାନ କରାଯାଉଛି। ତେଣୁ ପୁଲିସ ପକ୍ଷରୁ ବାବା ବଳିଆଙ୍କ ଆଶ୍ରମ ସହିତ ଯୋଗାଯୋଗ କରାଯାଇଛି। ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ଜଣେ ଅନୁଗତ୍ୟ ଘଟଣାସ୍ଥଳକୁ ଆସିଥିଲେ ମଧ୍ୟ ମୃତକଙ୍କୁ ଚିହ୍ନଟ କରିପାରି ନ ଥିଲେ। ଅନ୍ୟପଟେ, ଘଟଣାସ୍ଥଳରୁ ମିଳିଥିବା ପୁରୁଷ ବ୍ୟକ୍ତିଙ୍କ ନୂଆ ପ୍ୟାଣ୍ଟରେ ଲାଗିଥିବା 'ଷ୍ଟାର ଟ୍ରେଲର୍ସ'ର ଲୋଗୋରୁ ଦୋକାନକୁ ଖୋଜାଯାଉଛି। ଏ ସମ୍ପର୍କରେ ରାଜ୍ୟ ତମାମ ଥାନାକୁ ସୂଚିତ କରାଯାଇଛି। ଏପରିକି ଟ୍ରେଲର ଦୋକାନୀ ନିଜ ଆଡୁ ଆସି ପୁଲିସକୁ ସହଯୋଗ କରିବାକୁ ଡିସିପି ଅପିଲ କରିଛନ୍ତି। ଆଜି ଏକ ଟିମ ଘଟଣାସ୍ଥଳକୁ ଯାଇ ପୁଣି ଯାଞ୍ଚ କରିଥିଲା। ଏହି ସମୟରେ କିଛି ଦୂରରୁ ଦୁଇଚକିଆ ଗାଡି ଚକାର ଚିହ୍ନ ଠାବ କରାଯାଇଛି। ଏଣୁ ମହିଳାଙ୍କୁ ଗାଡିରେ ବସାଇ ଘଟଣାସ୍ଥଳକୁ ଅଣାଯାଇଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି। ମାତ୍ର କେଉଁ ରାସ୍ତା ଦେଇ ସେଠାକୁ ଆସିଥିଲେ ସେନେଇ କିଛି ସ୍ପଷ୍ଟ ହୋଇପାରୁନାହିଁ। ଏହା ମଧ୍ୟରେ ପୁଲିସ ଆଖପାଖର କେତେକ ପେଟ୍ରୋଲ ଟାଙ୍କିର ସିସିଟିଭି ଫୁଟେଜରୁ କିଛି ସନ୍ଦିଗ୍ଧ ଗତିବିଧି ଠାବ କରିଛି। ହେଲେ କିଛି ସେକେଣ୍ଡର ରେକର୍ଡିଂ କ୍ଲିପରୁ ମୃତ ମହିଳାଙ୍କୁ ନେଇ ଦ୍ୱନ୍ଦ୍ୱ ରହିଥିବା ସୂଚନା ମିଳିଛି। ଏପରି ସ୍ଥଳେ ପୁଲିସ ଟାୱାର ଡମ୍ପ ତଥ୍ୟ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପଟେ, ଶନିବାର ଏସସିବି ମେଡିକାଲରେ ମହିଳାଙ୍କର ଶବ ବ୍ୟବଚ୍ଛେଦ କରାଯାଇଛି। ୭୨ ଘଣ୍ଟା ଯାଏ ଶବ ସଂରକ୍ଷଣ ଗୃହରେ ମୃତଦେହକୁ ରଖାଯିବ। ଏହା ପରେ ଯଦି କେହି ଦାବିଦାର ନ ଆସିଲେ ଦାହ ସଂସ୍କାର କରାଯିବ। ତେବେ ଆଧାର କାର୍ଡରୁ ପରିଚୟ ଜାଣିବା ପାଇଁ ମୃତକଙ୍କ ୧୦ ଆଙ୍ଗୁଳିର ଟିପ ଚିହ୍ନ ସଂଗ୍ରହ କରି ରଖାଯାଇଛି। ଶେଷ ପର୍ଯ୍ୟାୟରେ ଏନେଇ ଅନୁମତି ଆଣି ଯାଞ୍ଚ କରାଯିବ। ସେହିପରି ଡିଏନଏ ପରୀକ୍ଷା ପାଇଁ ନମୁନା ଭାବେ ଏକ ଦାନ୍ତ ସଂଗ୍ରହ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଏତଲା ଆଧାରରେ କନ୍ଦରପୁର ଥାନା ପୁଲିସ କେସ ନଂ ୨୨୪/୨୪ରେ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଦୁଷ୍କର୍ମ ବିଷୟରେ ଜଣାପଡ଼ିବ ବୋଲି ଡିସିପି ଶ୍ରୀ ମୀନା କହିଛନ୍ତି।



**ଏସ୍‌ସିବିରେ ବ୍ୟବଚ୍ଛେଦ ପରେ ସଂରକ୍ଷଣ ଗୃହରେ ଶବ**

**ବାବା ବଳିଆଙ୍କ ଆଶ୍ରମକୁ ଯୋଗାଯୋଗ କଲା କମିଶନରେଟ୍ ପୁଲିସ**

## ଓଡ଼ିଶା ଅମଲା ସଂଘ ଜିଲ୍ଲା ଶାଖାର ବାର୍ଷିକ ସମ୍ମିଳନୀ



କଟକ, ୧୪।୧୨(ସମିସ): ଓଡ଼ିଶା ଅମଲା ସଂଘ କଟକ ଜିଲ୍ଲା ଶାଖାର ୧୫ ତମ ତ୍ରୟୋବାର୍ଷିକ ସମ୍ମିଳନୀ ସାରଳା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିନକିଆ ସମ୍ମିଳନୀକୁ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଓଡ଼ିଶା ଅମଲା ସଂଘର କଟକ ଜିଲ୍ଲା ଅଧ୍ୟକ୍ଷ ବିରଞ୍ଚି ନାରାୟଣ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ କଟକ ବାରବାଟି ବିଧାୟିକା ଶୋଫିଆ ଫିର୍ଦ୍ଦୋଶ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ କଟକ ନଗର ବିଜେପି ସଭାପତି ଲଲାଟେନ୍ଦୁ ବକ୍ସି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଅମଲା ସଂଘର ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିବାବେଳେ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାଶିଆ ସଭା ଶେଷରେ ଧନ୍ୟବାଦ ଦେଇଥିଲେ। କଟକ ଜିଲ୍ଲାରେ ଥିବା ୩୨ଟି ବିଭାଗର କାର୍ଯ୍ୟରତ ଅମଲା ଭାଇ ଓ ଭଉଣୀମାନେ ଏହି ସମ୍ମିଳନୀରେ ଯୋଗଦାନ କରିଥିଲେ। ଏହି ଅବସରରେ କଟକ ଜିଲ୍ଲା ଅମଲା ସଂଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଚିତ୍ତରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଭାବେ ବିଜୟ କୁମାର ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା।

## ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କଟକ, ୧୪।୧୨(ସମିସ): କଟକ ମଧୁ ବାରିଷ୍ଟର ଆଇନଜୀବୀ ସଂଗଠନ ଆନୁକୂଲ୍ୟରେ ଆଜି ତ୍ରିଶୂଳିଆ ସ୍ଥିତ ନରଣପୁର ଖେଳ ପଡ଼ିଆରେ ଚତୁର୍ଥ ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଜିଲ୍ଲା ଜଜ ସିତିକାନ୍ତ ସାମଲଙ୍କ ସହିତ ବାର କାଉନସିଲ ଓଡ଼ିଶାର ସଦସ୍ୟ ଅକ୍ଷୟ ପତି ଓ କ୍ରିମିନାଲ କୋର୍ଟସ ବାର ଆସୋସିଏସନର ପୂର୍ବତନ ସଭାପତି ଅକ୍ଷୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ସମାରୋହକୁ ଉଦଘାଟିତ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ବାର କାଉନସିଲ ଓଡ଼ିଶାର ସଦସ୍ୟ ସୌରଚନ୍ଦ୍ର ମହାପାତ୍ର, ସମାଜସେବୀ ସଞ୍ଜିବ କୁମାର ଜେନା, ସମାଜସେବୀ ପ୍ରଭାତ ନନ୍ଦ ପ୍ରମୁଖ ଉତ୍ସବରେ ଉପସ୍ଥିତ ରହିଥିଲେ। ସଂଗଠନର ଉପଦେଷ୍ଟା ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିବା ସହିତ ଧନ୍ୟବାଦ ଦେଇଥିଲେ। ଆଜି ଖେଳାଯାଇଥିବା ଲିଗ ମ୍ୟାଚରେ ଭୁବନେଶ୍ୱର ବାର ଆସୋସିଏସନ, ଡିଷ୍ଟ୍ରିକ୍ ଜଜ ଇଲେଭେନ ଓ କଟକ ବାର ଆସୋସିଏସନ ବିଜୟୀ ହୋଇ ସେମିଫାଇନାଲ ମ୍ୟାଚକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦିବସର ଅନ୍ତିମ ତଥା ପ୍ରଥମ ସେମିଫାଇନାଲ ମ୍ୟାଚ ଭୁବନେଶ୍ୱର ବାର ଆସୋସିଏସନ ଓ ଡିଷ୍ଟ୍ରିକ୍ ଜଜ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଭୁବନେଶ୍ୱର ବାର ଆସୋସିଏସନ ବିଜୟ ଲାଭ କରି ଆସନ୍ତାକାଲି ହେବାକୁ ଥିବା ଫାଇନାଲ ମ୍ୟାଚକୁ ଉତ୍ତୀର୍ଣ୍ଣ ହୋଇଛି। ସଂଗଠନ ପକ୍ଷରୁ ଟୁର୍ଣ୍ଣାମେଣ୍ଟରେ ଉପସ୍ଥିତ ଥିବା ବାର ଆସୋସିଏସନର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନର ସଭାପତି ସଂଗ୍ରାମ କେଶରୀ ଦାସ, ସମ୍ପାଦକ ଗଗନ ବାରିକ, କୋଷାଧ୍ୟକ୍ଷ ମହେନ୍ଦ୍ର ସୁବୁଦ୍ଧି, ଆଇନଜୀବୀ ନିରଞ୍ଜନ ବେହେରା, ହରି ଓଝା, ରୋହିତ ରଞ୍ଜନ ସ୍ୱାଇଁ, ବିଶ୍ୱଜିତ ସିଂ, ଅରବିନ୍ଦ ପଟ୍ଟନାୟକ, ରଶ୍ମିରଞ୍ଜନ ସ୍ୱାଇଁ, ପ୍ରଭାତ ସାହୁ, ଲକ୍ଷ୍ମୀନାରାୟଣ ମିଶ୍ର, ତ୍ରିଲୋଚନ ରାମ, ଶିବାନନ୍ଦ ମହାରଣା, ଜ୍ୟୋତି ରଞ୍ଜନ ତ୍ରିପାଠୀ, ଅନୀଲ ନାୟକ, ଜ୍ୟୋତି ରଞ୍ଜନ ରାୟ, ତୁଷାର କାନ୍ତି, ପଙ୍କଜ ଜଟି, ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ସୁପରିଚାଳନା ନିମନ୍ତେ ସହଯୋଗ ପ୍ରଦାନ କରିଥିଲେ।



## ଡ୍ରିମ୍‌ସ ମେଡିକାଲ କଲେଜ କ୍ରୀଡ଼ା ପ୍ରତିଯୋଗିତା

କଟକ, ୧୪।୧୨(ସମିସ): ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସ ଓ ହସ୍ପିଟାଲର ଦୁଇଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଶତାଧିକ ଏମ୍‌ବିବିଏସ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସେମାନଙ୍କ କ୍ରୀଡା ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଭୟ ବାଳକ ଓ ବାଳିକା ବର୍ଗରେ ଦୌଡ, ରିଲେ ଦୌଡ, ଦୂରଡିଆଁ, ଡିସକସ୍, ସର୍ଟପୁଟ୍ ଥ୍ରୋ, ଚେସ୍, କ୍ୟାରମ୍, କ୍ରିକେଟ୍, ଭଲିବଲ ଓ ଦଉଡି ଟଣା ଆଦି ଖେଳକୁଦ ସ୍ଥାନ ପାଇଥିଲା। କ୍ରୀଡା ଉତ୍ସବକୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କ୍ରୀଡା ପତାକା ଉତ୍ତୋଳନ ସହ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବିଶ୍ୱବିଦ୍ୟାଳୟର ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। 'ଡିନ୍' ପ୍ରଫେସର ଡ. ବିରଞ୍ଚି ନାରାୟଣ ମହାପାତ୍ର ଉତ୍ସବରେ ପୌରୋହିତ୍ୟ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡା. ଧୀରେନ୍ଦ୍ର ନାଥ ମହାରଣା, ପ୍ରଫେସର ଡା. ରଞ୍ଜନ ଦାସ, ପ୍ରଫେସର ଡା. ମାୟା ପାଢ଼ୀ, ପ୍ରଫେସର ଡା. ନିରୂପମା ଚୟନୀ, ପ୍ରଫେସର ଡା. ସଂଧ୍ୟାରାଣୀ ମହାରଣା, ପ୍ରଫେସର ଡା. ମନ୍ମଥ ମଣ୍ଡଳ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡା. ବୁଲୁ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଡ. ମନୋରଞ୍ଜନ ମଲ୍ଲିକ, ପ୍ରଦ୍ୟୁତ ଷଡଙ୍ଗୀ ଏବଂ କ୍ରୀଡା ବିଭାଗର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଜଳିଗଲା ମୋ' ବସ୍



## ଦୁର୍ଘଟଣାରେ ଦୁଇ ଗୁରୁତର

ସାଲେପୁର, ୧୪।୧୨(ସମିସ): ସନ୍ଧ୍ୟାରେ ନାଳିଆ ମୁହାଁ ବଜାର ନିକଟରେ ଏକ ଯାତ୍ରୀବାହୀ ବସ ଧକ୍କାରେ ଦୁଇ ମଟରସାଇକଲ ଚାଳକ ଗୁରୁତର ଆହାତ ହୋଇଛନ୍ତି। କଟକ-ସାଲେପୁର ରାସ୍ତାର ନାଳିଆମୁହଁ ବଜାର ନିକଟରେ କଟକରୁ ସାଲେପୁର ଅଭିମୁଖେ ଏକ ମଟରସାଇକଲ ନମ୍ବର ଓଡି୦୫ ୱାଇ ୫୩୭୩ ଯୋଗ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଞ୍ଚଳ ବଡ଼ବେତେରା ଗ୍ରାମର ବିଜୟ କୁମାର ଓଝା ଓ ତାଙ୍କ ଜଣେ ବନ୍ଧୁ ଆସୁଥିବା ବେଳ କଟକରୁ ସାଲେପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଧବଳେଶ୍ୱର ନାମ ଯାତ୍ରୀବାହୀ ବସ ତାକୁ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କଟକ ମେଡିକାଲକୁ ପଠାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ସାଲେପୁର ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଛି।

### ପୁଅ ଆଗରେ ବାପାକୁ ଇଟାରେ ଛେଚି ହତ୍ୟା ଘଟଣା

# ପୁଲିସ ପଞ୍ଝାରେ ଦ୍ୱିତୀୟ ଅଭିଯୁକ୍ତ

ତ୍ରିଶୂଳିଆ, ୧୪।୧୨(ସମିସ): ଗତ ମଙ୍ଗଳବାର ସନ୍ଧ୍ୟା ୮ଟା ବେଳେ ନରଣପୁର ଅଞ୍ଚଳରେ ଇଟାରେ ଛେଚି ଜଣେ ୱେଲଡିଂ ମିସ୍ତ୍ରିକୁ ହତ୍ୟା ଘଟଣାରେ ଦ୍ୱିତୀୟ ଅଭିଯୁକ୍ତକୁ ଗିରଫ କରିଛି ବାରଙ୍ଗ ପୁଲିସ। ପ୍ରାଥମିକ ପର୍ଯ୍ୟାୟରେ ଜଣେ ନାବାଳକକୁ ଗିରଫ କରି ସୁଧାର ଗୃହକୁ ପଠାଯାଇଥିଲା ବେଳେ ଦ୍ୱିତୀୟ ଅଭିଯୁକ୍ତ ପିଣ୍ଟୁ ଦାସ (୨୧)କୁ ଶନିବାର ଅପରାହ୍ନରେ ବାରଙ୍ଗ ପୁଲିସ କୋର୍ଟଚାଲାଣ କରିଛି। ମୃତକ ତୋଫାନ ସାମଲ(୪୦) ନରଣପୁର ଅଞ୍ଚଳରେ ଏକ ବସ୍ତିରେ ମିସ୍ତ୍ରି ଭାବରେ କାର୍ଯ୍ୟ କରୁଥିଲେ। ଘର ନିକଟରେ ଏକ ଆପାର୍ଟମେଣ୍ଟ ରହିଛି। ସେଠାରେ ଥିବା କିଛି ଯୁବକ ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ଆପାର୍ଟମେଣ୍ଟରୁ ତୋଫାନଙ୍କ ଘର ଉପରକୁ ଅଭ୍ୟାସଗତ ଭାବେ ଇଟାପଥର ପକାଇଥିଲେ। ପରେ ତୋଫାନ ଖାଉଥିବା ବେଳେ ହଠାତ ଆପାର୍ଟମେଣ୍ଟରୁ କିଛି ଯୁବକମାନେ ଆସି ଘରୁ ବାହାରକୁ ଡାକିଆଣି ସଂଘବଦ୍ଧ ଭାବେ ଇଟା ଓ ପଥରରେ ଆକ୍ରମଣ କରିଥିଲେ। ତାଙ୍କ ପୁଅ ଓମ୍ ପ୍ରକାଶ ସାମଲ (୧୭) ଘଟଣା ସବୁ ଦେଖୁଥିଲେ ମଧ୍ୟ କିଛି କରିପାରି ନ ଥିଲେ। ପରେ ସ୍ଥାନୀୟ ବାସିନ୍ଦାଙ୍କଠାରୁ ଖବରପାଇ ବାରଙ୍ଗ ଥାନା ପୁଲିସ ତୋଫାନଙ୍କୁ ରକ୍ତାକ୍ତ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ତୋଫାନଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତକଙ୍କ ସାନଭାଇ ଅମର ସାମଲ ତାଙ୍କ ଭାଇଙ୍କୁ ଏକାଧିକ ଯୁବକ ଅନ୍ଧାରରେ ଇଟା ପଥରରେ ଛେଚି ଠେଙ୍ଗା ପିଟିପିଟି ମାରିଦେଇଥିବାର ଲିଖିତ ଅଭିଯୋଗ ପରେ ପୁଲିସ ଏକ ହତ୍ୟାମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



## ବସ୍ ୱେଟିଂ ହଲ୍ ସଫାକଲେ ଶିକ୍ଷାବିତ



କନ୍ଦରପୁର, ୧୪।୧୨(ସମିସ): ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ, ଓଡ଼ିଶା (ବିସିଟି) କନ୍ଦରପୁର ଶାଖା ପରିଚାଳକ ଓ ସରସ୍ୱତୀ କଳା ପରିଷଦ କନ୍ଦରପୁର ସଂଯୋଜକ ଶିକ୍ଷାବିତ୍ ଇଂ ସୂରଜ କୁମାର ବେହେରା କିଛି ସହଯୋଗୀ ସ୍ୱେଚ୍ଛାସେବୀଙ୍କୁ ନେଇ କଟକ ଜଗତସିଂହପୁର ମୁଖ୍ୟରାସ୍ତା କନ୍ଦରପୁର କଲେଜ ରୋଡରେ ଥିବା ବସ ୱେଟିଂ ହଲ ସଫା କରିବା ସହ ହଲ ଛାତ ଓ କାନ୍ଥ ପାର୍ଶ୍ୱରେ ମାଡିଥିବା ଲତା ଆଦି କାଟି ସଫା କରିଛନ୍ତି। ତାଙ୍କର ଏହି ସେବା କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯିବା ସହ ଟ୍ରଷ୍ଟ ପ୍ରତିଷ୍ଠାତା ଇଂ.ବିମଳ ଚନ୍ଦ୍ର, ସମ୍ପାଦକ ପ୍ରିନ୍ସ ନନ୍ଦ, ରାଷ୍ଟ୍ରୀୟ ସଂଯୋଜକ ଇଂ ସେବକ ଶ୍ରୀକାନ୍ତ, ପରିଷଦ ସମ୍ପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକ ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂରଜ୍ ଏଯାବତ୍ ୨୯ ଥର ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି।

## ନବଦମ୍ପତିଙ୍କୁ ଆମ୍ବ ଚାରା ଉପହାର



ନିଶ୍ଚିନ୍ତକୋଇଲି, ୧୪।୧୨(ସମିସ): ପରିବେଶ ସୁରକ୍ଷା ଓ ଚାରାରୋପଣ ପାଇଁ ଅଭିନବ ଉପାୟରେ ଗୁରୁତ୍ୱାରୋପ କରିଛନ୍ତି ଶ୍ରୀ ଅରବିନ୍ଦ ଉଚ୍ଚ ବିଦ୍ୟାଳୟ ମଲ୍ଲୀପୁରର ଶିକ୍ଷକ ତଥା ବିଶିଷ୍ଟ ପରିବେଶବିତ୍ ନିରଞ୍ଜନ ସାହୁ। ଯେକୌଣସି ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ଯୋଗଦେଲା ବେଳେ ପ୍ରତ୍ୟେକ ବ୍ୟକ୍ତି ନୂତନ ଚାରାରୋପଣ କରି ତାହାକୁ କିପରି ବଞ୍ଚାଇ ରଖିବେ ସେଥିପ୍ରତି ସଚେତନତା କରାଉଛନ୍ତି। ଏହି ଅବସରରେ ଶ୍ରୀ ସାହୁ ସରପଡ଼ା ପଞ୍ଚାୟତ ସାଧୁପୁର ଗ୍ରାମର ନବଦମ୍ପତି ବିନୟପ୍ରକାଶ ନାୟକ ଓ ଲକ୍ଷ୍ମୀପ୍ରିୟାଙ୍କ ବିବାହ ଭୋଜିରେ ଯୋଗଦେଇ ତାଙ୍କୁ ଏକ ଆମ୍ବ ଚାରା ଉପହାର ଦେଇ ଏହାକୁ ବାଡ଼ିରେ ଲଗାଇ ବଞ୍ଚାଇ ରଖିବାକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ପ୍ରକୃତିବନ୍ଧୁ ବଳରାମ ପାତ୍ର, ରବୀନ୍ଦ୍ର ପଣ୍ଡା, ବିକ୍ରମ ନାଥ ଓ ରଘୁନାଥ ମହାନ୍ତି ସାଧୁବାଦ ଜଣାଇଛନ୍ତି।

# ଏକାଗ୍ରତା ଓ ସୁସ୍ଥତା ହେଉଛି ଯୋଗର ମୂଳମନ୍ତ୍ର



**ଜିଗ୍ନୀପୁର ଯୋଗଶିକ୍ଷା ଶିବିରରେ ଯୋଗଦେଲେ ଦୁଇ ବିଧାୟକ**

ନିଶ୍ଚିନ୍ତକୋଇଲି, ୧୪।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜିଗ୍ନୀପୁର ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ପରିପ୍ରେକ୍ଷୀରେ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ବ୍ରହ୍ମକ୍ଷେତ୍ର ମେଳଣ ପଡ଼ିଆରେ ପୁରାତନ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏକ ଯୋଗ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଉଦଘାଟନ କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ମଣିଷର ମନରେ ଏକାଗ୍ରତା ଓ ଶରୀରକୁ ନିରୋଗ ରଖିବା ପାଇଁ ପ୍ରତ୍ୟେହ ଯୋଗ ଓ ବ୍ୟାୟାମର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଶୁଭେନ୍ଦୁ ମହାନ୍ତି ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଯୋଗଗୁରୁ ଏସପି ଡିଆର ମହାପାତ୍ରଙ୍କ ପ୍ରଶିକ୍ଷଣରେ ଦୁଇ ବିଧାୟକ, ସ୍କୁଲ ଛାତ୍ରଛାତ୍ରୀ, ବହୁ ମହିଳା ଓ ପୁରୁଷମାନେ ଶିବିର ମଧ୍ୟରେ ପ୍ରତ୍ୟକ୍ଷ ଯୋଗଶିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଶିକ୍ଷକ ପ୍ରତାପ ପ୍ରଧାନ, ରଶ୍ମିରଞ୍ଜନ ସାହୁ ଯୋଗ ଶିକ୍ଷା ପ୍ରଦାନ କରିଥିଲା ବେଳେ ଆଇଏଏସ ସୁଧାଂଶୁ ଶେଖର ଦାସ ଯୋଗର ତତ୍ତ୍ୱ ଓ ବେଦରେ ଏହାର ସ୍ଥାନ ସଂକ୍ରାନ୍ତରେ ବିଷଦ ଆଲୋଚନା କରିଥିଲେ। ବିଦ୍ୟାର୍ଥୀ ପରିଷଦର ସଭାପତି ଗୌତମ ଦାସଙ୍କ ପୌରୋହିତ୍ୟରେ ଉକ୍ତ କାର୍ଯ୍ୟକ୍ରମକୁ ପରିଷଦର ସମ୍ପାଦକ ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ ସଂଯୋଜନା କରିଥିଲେ। ପରିଷଦର ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ବିଜୟ ବେଦାନ୍ତ, ନାରାୟଣ ଭାରତୀ, କମଳା ବସ୍ତିଆ, ବଳରାମ ପାତ୍ର, କୁଳମଣୀ ରାଉତ, ଉତ୍ସବଚନ୍ଦ୍ର ଦାସ, ରାମଚନ୍ଦ୍ର ଲେଙ୍କା, ଜଗବନ୍ଧୁ ବିଶ୍ୱାଳ, ଦୀପକ ପରିଡ଼ା, ରଞ୍ଜନ ଦାସ, ହିମାଂଶୁଶେଖର ରାଉତ, ଗଣେଶ୍ୱର ରାଉତ, ଜଗତଜୀବନ ପଣ୍ଡାଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ଧ୍ୟାରାଣୀ ଜେନାଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ।

## ବେଆଇନ ନିର୍ମାଣକୁ ଉଚ୍ଛେଦକଲା ପ୍ରଶାସନ

ଆଠଗଡ଼, ୧୪।୧୨(ସମିସ): କ୍ଷମତାର ଅପବ୍ୟବହାର କରି ଗୋଚର ଜମିରେ ନିର୍ମାଣ ହୋଇଥିବା ଏକ ଅଟ୍ଟାଳିକାକୁ ଶନିବାର ଆଠଗଡ଼ ପ୍ରଶାସନ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ବାରମ୍ବାର ଅଭିଯୋଗ ପରେ ଶେଷରେ ଆଜି ପ୍ରଶାସନ ବାଧ୍ୟ ହୋଇ ଗୋଚର ଜମିରେ ଥିବା ବେଆଇନ ଅଟ୍ଟାଳିକାକୁ ହଟାଇଛି। ଆଠଗଡ଼ ତହସିଲ ଅଧୀନ ବଳିପୁର ମୌଜାର ଖାତା ନମ୍ବର ୧୨୬୧, ପ୍ଲଟ ନଂ-୧୨୬୧ ରକବା ୧.୮୩ ଡେସିମାଲ ଜମି ଉପରେ ଜବରଦଖଲ ରହିଥିଲା। ଗତକାଲି ଏ ସଂକ୍ରାନ୍ତରେ ଉପଜିଲ୍ଲାପାଳଙ୍କ ପକ୍ଷରୁ ସମ୍ପୃକ୍ତ ଘରକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ମିଳିବା ପରେ ଆଜି ଗୋଚର ଜମିରେ ହୋଇଥିବା ବେଆଇନ ଅଟ୍ଟାଳିକାକୁ ଭାଙ୍ଗି ମାଟିରେ ମିଶାଇ ଦେଇଛି ଆଠଗଡ଼ ପ୍ରଶାସନ। ଉଚ୍ଛେଦ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଆଶଙ୍କା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ୪ ପ୍ଲାଟୁନ ପୁଲିସ ଫୋର୍ସ, ୧୫ ଜଣ ଅଫିସର, ଦୁଇଜଣ ମାଜିଷ୍ଟ୍ରେଟଙ୍କ ସହ ତହସିଲର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ■ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଭାଇଜାଗ୍ ଏଫ୍‌ସିକୁ ୩-୧ ଗୋଲରେ ହରାଇଲା ଭଞ୍ଜନଗର



ବଡମ୍ବା, ୧୪।୧୨(ସମିସ): ବଡମ୍ବା କଚେରି ପଡ଼ିଆ ଠାରେ ଚାଲିଥିବା ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଅନୁଷ୍ଠିତ ଖେଳରେ ଆନ୍ଧ୍ରପ୍ରଦେଶର ଭଞ୍ଜନଗର ଫୁଟବଲ କ୍ଲବ ଦଳକୁ ୩-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଗଞ୍ଜାମର ଭଞ୍ଜନଗର ଫୁଟବଲ କ୍ଲବ ଦଳ ସେମିଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ଆଜିର ଖେଳରେ ମୁଖ୍ୟଅତିଥି ରୂପେ ନୀଳଗିରିର ରାଜା ସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳରେ ସମାଜସେବୀ ଅଭୟ ଚୌଧୁରୀ, ବଡମ୍ବା ଥାନା ଅଧିକାରୀ ସଞ୍ଜୟ ଜେନା, ପଟ୍ଟାୟତ ତ୍ରିଭୁବନ ଚନ୍ଦ୍ର ଦେବ, ସନ୍ତୋଷି ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ବୃନ୍ଦାବନ ପରିଡ଼ା, ବଡମ୍ବା ଫୁଟବଲ ଆସୋସିଏସନର ଉପଦେଷ୍ଟା ମନୋଜ ପଟ୍ଟନାୟକ, ସରୋଜ ପଟ୍ଟନାୟକ, ଆମ୍ବା ଅଧ୍ୟକ୍ଷ ମହେନ୍ଦ୍ର ପଡ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ। ରେଫରି ମିକୁନ ମହାନ୍ତି, ଅବଦୁଲ ମଟିନ୍, ବୁଦ୍ଧିରାମ ହେମ୍ବ୍ରମ, ଏମଡି ସକଲିନ୍ ପରିଚାଳନା କରିଥିବା ବେଳେ ପ୍ରୀତିରଞ୍ଜନ ରଥ, ମହେଶ ରାଉତ, ପ୍ରବୀଣ କିଶୋର ଦେବ ଅଫିସିଆଲ ଥିଲେ। ରବିବାର ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭଦ୍ରକର ବାଦଲ ଏକାଡେମିକୁ ଭଞ୍ଜନଗର ଫୁଟବଲ କ୍ଲବ ଭେଟିବ।

# ବିଭିନ୍ନ ସ୍ଥାନରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ





ତିଗିରିଆ, ୧୪।୧୨(ସମିସ): ତିଗିରିଆ ଜେଏମଏଫସି କୋର୍ଟ ପରିସରରେ ଶନିବାର ୪ର୍ଥ ଲୋକ ଅଦାଲତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ତାଲୁକ ଆଇନ ସେବା କମିଟି ସଭାପତି ତଥା ବିଚାରପତି ପ୍ରେରଣା ଶ୍ରୀଦେଓ ଆନୁଷ୍ଠାନିକ ଭାବେ ଏହି ଲୋକ ଅଦାଲତକୁ ଉଦ୍‌ଘାଟନ କରିବା ସହ ପରିଚାଳନା କରିଥିଲେ। ଆଜିର ଲୋକ ଅଦାଲତରେ ୧୫ଟି ଫୌଜଦାରୀ ମାମଲାରୁ ୧୧ଟି, ୮୭୨ଟି ରାଜସ୍ୱ ମାମଲାରୁ ୬୪୮ଟି ମାମଲାର ଫଏସଲା କରାଯାଇଥିବା ବେଳେ ଜରିମାନା ବାବଦକୁ ମୋଟ ୯୬ ହଜାର ୪୦୬ ଟଙ୍କା ଆଦାୟ ହୋଇଥିବା ବେଳେ ୩୬ଟି ବ୍ୟାଙ୍କ ସଂକ୍ରାନ୍ତୀୟ ମାମଲାର ବିଚାର କରାଯାଇ ସେଥିରୁ ୮୪ ହଜାର ଟଙ୍କା ଆଦାୟ ହୋଇଛି। କାର୍ଯ୍ୟକ୍ରମରେ ତିଗିରିଆ ଓକିଲ ସଂଘର ସଭାପତି ମଙ୍ଗଳକୃଷ୍ଣ ଦାସ, ସମ୍ପାଦକ ଚନ୍ଦ୍ରମଣୀ ପଣ୍ଡା, ବରିଷ୍ଠ ଆଇନଜିବୀ ପ୍ରଶାନ୍ତ ପଟ୍ଟନାୟକ, ବିକ୍ରମ କେଶରୀ ଦାଶ, ସରୋଜ ସାହୁ, ରମେଶ ଚନ୍ଦ୍ର ମାଝୀ, ରଞ୍ଜନ ମହାରଣା, ଶାନ୍ତନୁ ଦାଶ, ସୁଚିତ୍ର ସାହୁ, ସଞ୍ଜୟ ଦାସ ତଥା ଜେଏମଏଫସି କୋର୍ଟର କର୍ମଚାରୀମାନେ ପ୍ରମୁଖ ଉପସ୍ଥିତ ରହି ଅଦାଲତି କାର୍ଯ୍ୟ ପରିଚାଳନାର ସହଯୋଗ କରିଥିଲେ।

ଆଠଗଡ଼-ତାଲୁକ ଆଇନ ସେବା କମିଟି ଆଠଗଡ଼ ପକ୍ଷରୁ ଆଠଗଡ଼ ଅଦାଲତ ପରିସରରେ ଲୋକ ଅଦାଲତ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ରାଜ୍‌କୁମାର ଦାସ ଅଦାଲତ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଦୌରାଜଜ୍ ଶ୍ରୀ ଦାସଙ୍କ ଅଦାଲତରେ ୨୦ଟି ଦୁର୍ଘଟଣାଜନିତ ମାମଲାରୁ ୯୮ ହଜାର ୫୮ ହଜାର, ବରିଷ୍ଠ ଦେୱାନୀ ବିଚାରପତି ମହାଶ୍ୱେତା ପରିଜାଙ୍କ କୋର୍ଟରେ ୨ଟି ଦେୱାନୀ ମାମଲା ଓ ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀ ନରୋଜ କୁମାର ସାହୁଙ୍କ କୋର୍ଟରେ ୨ଟି ବୈବାହିକ ମାମଲା ଓ ୧ଟି ଚେକ୍ ବାଉନ୍ସ ମାମଲାରୁ ମୋଟ ୩ ଲକ୍ଷ ଟଙ୍କା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ୮୦ଟି ଫୌଜଦାରୀ ମାମଲାର ବିଚାର କରାଯାଇଥିଲା। ସେହିପରି ଆଠଗଡ଼ ଉପଜିଲ୍ଲାପାଳ ଓ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁଙ୍କ ଅଦାଲତରେ ୩୦୯ଟି ଦାଖଲ ଖାରଜ ଓ ପ୍ରମାଣପତ୍ର ମାମଲାର ବିଚାର କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଆଠଗଡ଼ ଓକିଲ ସଂଘର ସଭାପତି ସତ୍ୟେନ୍ ପଣ୍ଡା, ସମ୍ପାଦକ ବନବିହାରୀ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଳଜ ଜୀବନ ସମ୍ପର୍କିତ ଆହ୍ୱାନ ଓ ଏହାର ସମାଧାନକୁ ଗୁରୁତ୍ୱ




**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଦୁଇଦିନିଆ ଜାତୀୟ କର୍ମଶାଳା**

**ମଧୁରଜଳ ମାଛଙ୍କ ପାଇଁ ସଂରକ୍ଷଣ କ୍ଷେତ୍ର ଚିନ୍ତା ଓ କାର୍ବନ ଚାଷ ପାଇଁ ଚାହିଦା ସୃଷ୍ଟି କରିବା ଲକ୍ଷ୍ୟ**

କଟକ/ତ୍ରିଶୂଳିଆ, ୧୪।୧୨(ସମିସ): କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ଏବଂ ନୂଆଦିଲ୍ଲୀସ୍ଥିତ ଅନ୍ତର୍ଜାତୀୟ ଚାଉଳ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ରାୟୋଜିତ ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି ହାସଲ) ଉପରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ଡିସେମ୍ବର ୧୩ ଓ ୧୪ ତାରିଖ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଗଭୀର ଜଳ ମଧ୍ୟରେ ଥିବା ଜୀବନ, ବିଶେଷକରି ମତ୍ସ୍ୟସମ୍ପଦ ପରି ଜଳଜ ଜୀବ କିଭଳି ଗୁରୁତ୍ୱପୂର୍ଣ୍ଣ ପରିବେଶ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ତାହାର ନିଦାନ ସାଙ୍ଗକୁ ଜଳଜ ପରିବେଶ ସଂରକ୍ଷଣ ପାଇଁ ସ୍ଥାୟୀ ସମାଧାନର ପନ୍ଥା ବାହାର କରିବା। ସମ୍ମିଳନୀର ପ୍ରଥମ ଦିନ କିଛି ପ୍ରଭାବଶାଳୀ ଆଲୋଚନା ଏବଂ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଜଳଜ ପରିବେଶକୁ ନେଇ ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ଏହି ସମ୍ମିଳନୀରେ ବହୁ ବିଶିଷ୍ଟ ବାଗ୍ମୀ, ଶିଳ୍ପପତି ଏବଂ ବୁଦ୍ଧିଜୀବୀ ଏକାଠି ହୋଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ବିଜ୍ଞାନ ବିଭାଗର ଡିନ୍ ପ୍ରଫେସର ଜୟପ୍ରକାଶ ଭଟ୍ଟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଥମ ଦିନର ପ୍ରଥମ ଅଧିବେଶନରେ ମହାନଦୀର ନାନାବିଧ ସମସ୍ୟା ଓ ଏହାର ସମାଧାନକୁ ନେଇ ଡ. ଜେ.ପି. ଭଟ୍ଟ ଏବଂ ଡ. ଅଜୟ କୁମାର ମିଶ୍ରଙ୍କ ସମ୍ପାଦିତ 'ମହାନଦୀ: ଏନଭରମେଣ୍ଟାଲ ଚ୍ୟାଲେଞ୍ଜେସ୍ ଆଣ୍ଡ ୱେ ଫରୱାର୍ଡ' ଏବଂ ଡାଏଟମର ବିବିଧତା ଓ ଏହାର ପରିବେଶଗତ ମହତ୍ତ୍ୱକୁ ନେଇ ପ୍ରଫେସର ରଚନା ନୌଟିୟାଲ ଏବଂ ପ୍ରଫେସର ପ୍ରକାଶ ନୌଟିୟାଲଙ୍କ ଦ୍ୱାରା ଲିଖିତ 'ଦ ଆଟଲାସ୍ ଅଫ୍ ହିମାଳୟ ଡାଏଟମ୍ସ' ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ 'ଔରାସିଓର ପ୍ରାଇଭେଟ୍ ଲିମିଟେଡ୍' ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ଭୂ-ବିଜ୍ଞାନ କ୍ଷେତ୍ରରେ ଗବେଷଣା ଏବଂ 'ସ୍କାଏଲାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଜିଓଇନଫରମେଟିକ୍ସ' ସହ ଶିକ୍ଷାଗତ ଏବଂ ବୈଷୟିକ ସହଯୋଗକୁ ପ୍ରୋତ୍ସାହିତ କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ 'ଏଚଏନବି ଗଡ଼ୱାଲ' ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରକାଶ ନୌଟିୟାଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଳଜ ପରିବେଶ ସଂରକ୍ଷଣ ନିମନ୍ତେ ନିର୍ଦ୍ଧାରିତ ରଣନୀତି ଉପରେ ଆଲୋଚନା କରିଥିଲେ। 'କେଣ୍ଟ୍ ଆରୋ ସିଷ୍ଟମ୍ସ ଲିମିଟେଡ୍' ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ମହେଶ ଗୁପ୍ତା ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଫେସର ରଚନା ନୌଟିୟାଲ ଓ ପ୍ରଫେସର ମାଧୋ ସିଂହ ବିଷ୍ଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଜଳଜ ପରିବେଶ ପାଇଁ ନିର୍ଦ୍ଦିଷ୍ଟ ଆହ୍ୱାନ ଓ ଏହାର ସମାଧାନ ଉପରେ ଆଲୋଚନା ହୋଇଥିଲା। ଏଥିରେ ପ୍ରଫେସର ରଚନା ନୌଟିୟାଲ ଗଡ଼ୱାଲ ହିମାଳୟର ବିଭିନ୍ନ ଡାଏଟମ୍ ସମ୍ପର୍କରେ ଉଲ୍ଲେଖ କରିଥିବା ବେଳେ ଡ. ନାରାୟଣ ଜେନା ଜଳଜୀବଙ୍କ ପାଇଁ ଶୈବାଳ କିପରି ଅବକ୍ଷୟ ହେଉଛି ସେକଥା ଉଲ୍ଲେଖ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ନିଗ୍ଧା ସ୍ନେହାଞ୍ଜଳି ପୂର୍ବ ଘାଟରେ ମଧୁର ଜଳ ମାଛଙ୍କ ପାଇଁ ସଂରକ୍ଷଣ କ୍ଷେତ୍ର ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅଧିବେଶନ ଶେଷରେ ଡ. ଡିକେ. ହରି ଏବଂ ଡ. ହେମା ହରି ଏକ ଅନଲାଇନ୍ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଏଥିରେ ଏସଡିଜି-୧୪ ସହିତ ଶୈକ୍ଷିକ ପ୍ରୟାସର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡିସେମ୍ବର ୧୪ ଦ୍ୱିତୀୟ ଦିବସରେ ସମ୍ମିଳନୀରେ କାର୍ବନ ଚାଷ ପାଇଁ ଚାହିଦା, ଏହାର ପୁନରୁଦ୍ଧାର ନିମନ୍ତେ ମୃତ୍ତିକା ଏବଂ ଜଳ ସଂରକ୍ଷଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଇଆରଆରଆଇର ଡାକ୍ତର ଆନ୍ଥୋନି ଫୁଲଫୋର୍ଡ ଏବଂ ଡ. ଅଜୟ କୁମାର ମିଶ୍ରଙ୍କ ସମେତ ଅନ୍ୟ ବିଶେଷଜ୍ଞମାନେ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ଏବଂ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରିବାରେ କାର୍ବନ କୃଷିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନିସା ଆଝାରୁନ୍ନିସା ସହରାଞ୍ଚଳ ବନ୍ୟା ଦୁର୍ବଳତା ଏବଂ ସ୍ପଞ୍ଜ ସିଟି ସମାଧାନ ଉପରେ ଆଲୋଚନା କରିଥିବା ବେଳେ ଡ. କାବେରୀ ଦେବୈୟା ବେଙ୍ଗାଲୁରୁସ୍ଥିତ ଆର୍ଟ ଅଫ୍ ଲିଭିଂ ଇଣ୍ଟରନ୍ୟାସନାଲ ସେଣ୍ଟରରେ ପ୍ରକୃତିଭିତ୍ତିକ ସମାଧାନ ବ୍ୟବହାର କରି ହ୍ରଦ ପୁନରୁଦ୍ଧାର ଉପରେ ଏକ କେସ୍ ଷ୍ଟଡି ଉପସ୍ଥାପନ କରିଥିଲେ। ପ୍ରଦୀପ କୁମାର ପାଟଯୋଶୀ ଉପକୂଳ ଓ ସାମୁଦ୍ରିକ ପରିବେଶ ଉପରେ ଶିଳ୍ପ ପ୍ରଭାବର ବିଶ୍ଳେଷଣ, ଡ. ପି.ଆର. ସିଂହ ଗଙ୍ଗା ନଦୀ ପ୍ରଣାଳୀରେ ବିଦେଶୀ ମାଛ ପ୍ରଜାତିର ଆକଳନ ଏବଂ ଭୁବନେଶ୍ୱର ଓୟୁଏଟିର ଅବସରପ୍ରାପ୍ତ ପ୍ରାଧ୍ୟାପକ ସଞ୍ଜୟ ସାମନ୍ତରାୟ ନଦୀ ପରିବେଶ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୋଜକ ସମ୍ପାଦକ ସତ୍ୟଜିତ ଆର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ମହାଲକ୍ଷ୍ମୀ ମହୋତ୍ସବ

# ରତାପାଟରେ ଖୋର୍ଦ୍ଧାର ପାଇକ ଆଖଡ଼ା

**ବଡମ୍ବା, ୧୪।୧୨(ସମିସ):** ବଡମ୍ବା ବ୍ଲକ ଅଧୀନ ରତାପାଟଠାରେ ରତାପାଟ ଗ୍ରାମ ଓ ରତାପାଟ ଆଞ୍ଚଳିକ ବଣିକ ସଂଘ ପକ୍ଷରୁ ଆୟୋଜିତ ହେଉଥିବା ୮ମ ମା' ମହାଲକ୍ଷ୍ମୀ ମହୋତ୍ସବର ଆଜିର ୩ୟ ଦିବସରେ ଦର୍ଶକମାନେ ଖୋର୍ଦ୍ଧାର ପାଇକ ଆଖଡା ଓ ଯାଜପୁରର ଡଲଫିନ ଡ୍ୟାନ୍ସ ଗ୍ରୁପର ତାଳେତାଳେ ଭରପୁର ମଜା ଉଠାଇଛନ୍ତି। ମହୋତ୍ସବ ପରିଚାଳନା କମିଟିର ସଭାପତି ରଜନୀକାନ୍ତ ବଳବନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ପଲେଇ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ମୁରଲୀଧର ପଲେଇ, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ପ୍ରଧାନ, ପରିଚାଳନା କମିଟି ସମ୍ପାଦକ ବାମନ ଚରଣ ପଲେଇ, ଉପସଭାପତି ପ୍ରସନ୍ନ ପ୍ରଧାନ, ବଣିକ ସଂଘ ସଭାପତି ମିହିର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଆଜିର ସନ୍ଧ୍ୟାରେ ଖୋର୍ଦ୍ଧାରୁ ଆସିଥିବା ପାଇକ ଆଖଡା ଦଳର ପାଇକ ଆଖଡା ଓ ଯାଜପୁର ଅଞ୍ଚଳରୁ ଆସିଥିବା ଡଲଫିନ ଡ୍ୟାନ୍ସ ଗ୍ରୁପର ଆଧୁନିକ ନୃତ୍ୟଗୀତ ଜନସାଧାରଣ ତଥା ଦର୍ଶକମାନଙ୍କୁ ବାନ୍ଧିରଖିଥିଲା। ଆଜିର ତୃତୀୟ ଦିବସରେ ନରସିଂହପୁର, ବଡମ୍ବା ଆଦି ଅଞ୍ଚଳରୁ ହଜାର ହଜାର ଜନସାଧାରଣଙ୍କ ସମାବେଶ ହୋଇଥିଲା। ଶିକ୍ଷକ ଅଶୋକ ଧଳଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୋମନାଥ ଖୁଣ୍ଟିଆ, ମେଘନାଦ ସେଠ, ରବୀନ୍ଦ୍ର ସେଠୀ, ବାଉରିବନ୍ଧୁ ତାଡ, ସୁଶାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



# ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଫୁଲନଖରା, ୧୪।୧୨(ସମିସ):** ବ୍ରାହ୍ମଣଝରିଲୋ ନିକଟସ୍ଥ ରାୟପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ସଙ୍କୁଳସ୍ତରୀୟ ଏକତ୍ରିଶତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଉତ୍ସବର ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମନୋଜ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂକୁଳ ସଂଯୋଜକ କୁଳମଣି ପ୍ରଧାନ, ସଙ୍କୁଳ ପ୍ରମୁଖ ରମାକାନ୍ତ କର, ଧରଣୀଧର ଶତପଥି, ପରିଚାଳନା କମିଟିର ସଭାପତି ରବି ନାରାୟଣ ପଣ୍ଡା, ଉପସଭାପତି ପ୍ରଦୀପ ପଣ୍ଡା ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରମୁଖ ଅତିଥିଭାବରେ ଯୋଗଦେଇଥିଲେ। ସଙ୍କୁଳ ଅଧିନସ୍ଥ ଅଡଶପୁର, କଣ୍ଟାପଡ଼ା, ବ୍ରାହ୍ମଣସାଇଲୋ, କସର୍ଦ୍ଦା, ନିଆଳି, କୃଷ୍ଣପ୍ରସାଦ, ମାଙ୍ଗ ଓ ରାୟପୁର ସମେତ ୮ଟି ବିଦ୍ୟାଳୟର ୧୭୫ଜଣ କ୍ରୀଡାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ମା' କୋଟିଲେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ କ୍ରୀଡା ମଶାଲକୁ ଖେଳାଳିମାନେ ଆଣି ଖେଳପଡ଼ିଆରେ ସ୍ଥାପନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଧର ସ୍ୱାଇଁ, ପ୍ରମୋଦ ଦାସ, ପ୍ରଭାତୀ ପାତ୍ର, ମୀନକେତନ ମହାନ୍ତି, ଶକ୍ତି ପ୍ରସାଦ ଦାସ ଓ ସରିତା ମହାପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ରାୟପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟାମାନେ ସହଯୋଗ କରିଥିଲେ।

# ଏଲିଟ୍ ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କନ୍ଦରପୁର, ୧୪।୧୨(ସମିସ):** କଟକ ସଦର ବିରିବାଟୀ ସ୍ଥିତ ଏଲିଟ୍ ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଅପରାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ରୂପେ ମଧୁସୂଦନ 'ଲ' କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିର୍ଲା ଆଇନ ବିଦ୍ୟାଳୟର ଡିନ୍ ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ, ମୁଖ୍ୟବକ୍ତା ରୂପେ କୁଜଙ୍ଗ ଶିକ୍ଷକ ସଂଘର ସଭାପତି ତଥା ସୁଲେଖକ ଡ. କେଶବ ଚନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତର ମାର୍ଗ ଦର୍ଶାଇବା ସହ ଆଗାମୀ ଦିନରେ ଜଣେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କର୍ତ୍ତବ୍ୟନିଷ୍ଠା, ଉତ୍ତମ ଆଚରଣ ତଥା କଠିନ ଅଧ୍ୟବସାୟ ବଳରେ ଛାତ୍ରଛାତ୍ରୀମାନେ ବହୁ ଆଗକୁ ଯାଇପାରିବେ ବୋଲି ବିଦ୍ୟାଳୟର ସଭାପତି ପ୍ରଫେସର ହରିହର ମିଶ୍ର କହିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଫେସର ଡ. ଶୁଭେନ୍ଦୁ ପତି, ଅଧ୍ୟକ୍ଷ ନୌଷଦ ନାୟକ, ଟ୍ରଷ୍ଟି ଉଷାରାଣୀ ତ୍ରିପାଠୀ, ଶିକ୍ଷା ନିର୍ଦ୍ଦେଶକ ତଥା ଅଧ୍ୟାପକ ସୁଦୀପ୍ତ ପତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଶାସନିକ ଅଧିକାରୀ ସୁବ୍ରତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପ୍ରାରମ୍ଭରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିବା ବେଳେ ସର୍ବାଧିକ ନମ୍ବର ରଖିଥିବା ପି. ବିଶ୍ୱଜିତ୍ ନାୟକଙ୍କୁ ବିଦ୍ୟାଳୟର ଟପ୍ପର ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଚିତାକର୍ଷକ ହୋଇଥିଲା।













